ISSN: 2456-9194, Vol. III, Issue. II, Sept 2019

ପ୍ରତ୍ୟୟ

(Journal of Odia Language, Culture and Science)

Journal Homepage: http://cphfs.in/research.php



# ବାଥୁଡି ଜନଜାତିର ଭାଷା ବିମର୍ଷ

**ଡକ୍ଟର ରାଜାକୁମାର ନାଏକ**

ବିଭାଗ ମୁଖ୍ୟ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

Rajakumar.naik@gmail.com

***ସଂକ୍ଷିପ୍ତସାର:*** *ମୟୂରଭଂଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲର ନୀଳଗିରି ଅଞ୍ଚଳରେ ବସବାସ କରୁଥିବା ବାଥୁଡ଼ି ଜନଜାତି ଓଡିଆରେ କଥା ହେଉତିଲେ ବି, ତାଙ୍କର ଶବ୍ଦର ଧ୍ୱନିଗତ ବୈଚିତ୍ର ବାଥୁଡି ସଂପ୍ରଦାୟର ଭାଷାକୁ ଭିନ୍ନ କରି ଦୁନିଆରେ ପରିଚିତ କରିଛି। ବାଥୁଡି ସଂପ୍ରଦାୟର ଲୋକମାନେ ଶବ୍ଦର ଆରମ୍ଭରେ 'ଲ' ଥିଲେ, 'ଲ' ପରିବର୍ତ୍ତେ 'ନ' ଉଚ୍ଚାରଣ କରିଥାନ୍ତି । ନାସ୍ତିସୂଚକ ବାକ୍ୟରେ ବାକ୍ୟର ଆରମ୍ଭରେ ନାଇଁ ବ୍ୟବହୃତ କରିଥାନ୍ତି । ତେବେ ସମୟର ପରିବର୍ତ୍ତନରେ ବର୍ତ୍ତମାନ ବାଥୁଡି ଭାଷାରେ ମଧ୍ୟ ପରିବର୍ତ୍ତନ ଘଟିଲାଣି, ଯାହା ଆହୁରି ଅଧିକ ଗବେଷଣାର ଅପେକ୍ଷା ରଖୁଛି।*

***ପ୍ରମୁଖ ଶବ୍ଦ:*** *ବାଥୁଡି ଜନଜାତି, ଆଦିବାସୀ, ବାଥୁଡି ଉଚ୍ଚାରଣ, ଓଡିଆ ଶବ୍ଦ*

ଆଦିବାସୀର ଆଦିଭୂମି ଭାରତ । ଭାରତ ଏକ ଆଦିବାସୀ ବହୁଳ ଦେଶ।ଭାରତର ରାଜ୍ୟମାନଙ୍କ ମଧ୍ୟରେ ଆଦିବାସୀ ଜନସଂଖ୍ୟା ଅନୁଯାୟୀ ଓଡ଼ିଶାର ସ୍ଥାନ ଦ୍ୱିତୀୟ। ଓଡ଼ିଶାରେ ବାଷଠି ପ୍ରକାରର ଆଦିବାସୀ ସଂପ୍ରଦାୟ ଲୋକ ବସବାସ କରନ୍ତି। ସମଗ୍ର ଓଡ଼ିଶାର ଲୋକସଂଖ୍ୟା ତୁଳନାରେ ଏମାନଙ୍କ ସଂଖ୍ୟା ଶତକଡ଼ା ୨୨ ଭାଗ । 'ଆଦିବାସୀ' ବା 'ଉପଜାତିର ଜନସମାଜ' କହିଲେ ଆମେ ସାଧାରଣତଃ ଯେଉଁମାନଙ୍କୁ ଜାଣୁ ସେମାନେ ଭାରତରେ ଦ୍ରାବିଡ଼ ଓ ଆର୍ଯ୍ୟମାନଙ୍କର ଆଗମନର ହଜାର ହଜାର ବର୍ଷ ପୂର୍ବରୁ ବିଭିନ୍ନ ଅଞ୍ଚଳରେ ବସତି ସ୍ଥାପନ କରି ରହିଥିଲେ, ତା'ର କୌଣସି ସମୟସୀମା ଏ ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇ ନାହିଁ । ଠିକ୍ ସେହିପରି ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ କେଉଁ ଆବାହମାନ କାଳରୁ ରହି ଆସୁଛନ୍ତି, ତାହା ମଧ୍ୟ କହିବା କଷ୍ଟକର। ଭାଷାବିତ୍‌ମାନେ ଏହି ଆଦିମ ଅଧିବାସୀଙ୍କୁ ଅଷ୍ଟ୍ରିକ୍, ମୁଣ୍ଡା ବା କୋଲ୍ଲ ଗୋଷ୍ଠୀ ବୋଲି କହିଥାନ୍ତି। ଏବେ ମଧ୍ୟ ଏହି ଗୋଷ୍ଠୀର ନରନାରୀ ସଭ୍ୟଜଗତରୁ ବିଚ୍ଛିନ୍ନ ଏବଂ ପୃଥକ ହୋଇ ଏକ ଭିନ୍ନ ପୃଥିବୀର ବାସିନ୍ଦା ଭାବରେ ଘନ ଅରଣ୍ୟ ଏବଂ ଦୁର୍ଗମ ପାହାଡ଼ ପର୍ବତ ଖୋଲରେ ବସବାସ କରନ୍ତି। ସେମାନେ ପ୍ରକୃତିର ସନ୍ତାନ। ନିଜର ଐତିହ୍ୟପୂର୍ଣ୍ଣ, ରୀତିନୀତି, ଚାଲିଚଳଣି, ସଂସ୍କାର, ଧର୍ମବିଶ୍ୱାସ ଧରି ସେମାନେ ପ୍ରକୃତି କୋଳରେ ଜନ୍ମହୋଇ ତାରି କୋଳରେ ହସନ୍ତି, କାନ୍ଦନ୍ତି, ଜୀବନ ବିତାନ୍ତି ଏବଂ ଶୃଙ୍ଖଳିତ, ସୁନ୍ଦର ସମାଜରେ ନିଜର ସ୍ୱକୀୟ ସଂସ୍କୃତି ଓ ପରଂପରାକୁ ଧରି ରଖି ଏମାନେ ବଞ୍ଚିରହିଛନ୍ତି ।

ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଆଦିବାସୀମାନଙ୍କ ମଧ୍ୟରୁ ବାଥୁଡ଼ି ହେଉଛନ୍ତି ଅନ୍ୟତମ ବୃହତ୍ତମ ସଂପ୍ରଦାୟ । ୧୯୯୧ ଜନଗଣନା ଅନୁସାରେ ବାଥୁଡ଼ିମାନଙ୍କର ସଂଖ୍ୟା ହେଉଛି ପ୍ରାୟ ଏକଲକ୍ଷ ଏକସ୍ତରୀ ହଜାର । ଏମାନେ ମୁଖ୍ୟତଃ ମୟୂରଭଂଜ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲର ନୀଳଗିରି ଅଞ୍ଚଳରେ ବାସକରନ୍ତି । ଏହା ବ୍ୟତିତ ଝାଡଖଣ୍ଡ,ପଶ୍ଚିମବଙ୍ଗରେ ମଧ୍ୟ ଅଳ୍ପ ସଂଖ୍ୟକ ବାଥୁଡି ସଂପ୍ରଦାୟର ଲୋକ ବସବାସ କରନ୍ତି । ମୁଖ୍ୟତଃ ଓଡ଼ିଶାର ତିନୋଟି ଜିଲ୍ଲାରେ ଏହି ସଂପ୍ରଦାୟ ଲୋକ ବାସକରୁଥିଲେ ହେଁ ମୟୂରଭଂଜ ଓ କେନ୍ଦୁଝର ଜିଲ୍ଲାରେ ବହୁଳ ପରିମାଣରେ ବସତିସ୍ଥାପନ କରିରହିଛନ୍ତି । ବାଥୁଡି ସଂପ୍ରଦାୟର ପ୍ରଥମ ବାସ ଭୂମି ହେଉଛି ଶିମିଳିପାଳ, ଏକଥା ଚକ୍ରଧର ମିଶ୍ରଙ୍କ ରଚିତ 'ବଡାମ ପୁରାଣ'ରେ ବର୍ଣ୍ଣନା ରହିଛି । ସେ ବଡାମ ପୁରାଣରେ ଲେଖିଛନ୍ତି: 'ବାଥୁଡିର ଘର ଅଟେ ବନସ୍ତ ମଧ୍ୟରେ ଶିମିଳିପାଳ ବନସ୍ତ ପର୍ବତ ଗୁହାରେ' ।

ଏଥିରୁ ପ୍ରମାଣିତ ହୁଏ ଯେ ବାଥୁଡି ସଂପ୍ରଦାୟର ଅଧିବାସୀମାନେ ଶିମିଳିପାଳ ମଧ୍ୟରେ ପ୍ରଥମେ ବସବାସ କରୁଥିଲେ । ବର୍ତ୍ତମାନ ସମୟ ବଦଳି ଯାଇଛି ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରାୟ କିଛି କିଛି ବାଥୁଡି ସଂପ୍ରଦାୟର ଲୋକ ବସବାସ କରୁଛନ୍ତି ।

ଓଡ଼ିଶାର ଆଦିବାସୀ ସଂପ୍ରଦାୟକୁ ଭାଷା ଗୋଷ୍ଠୀ ଦୃଷ୍ଟିକୋଣରୁ ବିଚାର କଲେ ତିନି ଭାଗରେ ବିଭକ୍ତ କରାଯାଇପାରେ (ମୁଣ୍ଡାଗୋଷ୍ଠୀ,ଦ୍ରାବିଡଗୋଷ୍ଠୀ, ଭାରତୀୟ ଆର୍ଯ୍ୟ ଗୋଷ୍ଠୀ)। ବାଥୁଡି ଆର୍ଯ୍ୟଭାଷା ଗୋଷ୍ଠୀର ଅନ୍ତର୍ଗତ ଅଟେ । ବାଥୁଡି ସଂପ୍ରଦାୟର ଲୋକେ

ଓଡ଼ିଆରେ କଥାବାର୍ତ୍ତା କରନ୍ତି, ମାତ୍ର ଉଚ୍ଚାରଣରେ ପାର୍ଥକ୍ୟ ରହିଥାଏ। ସ୍ଥାନ ବିଶେଷରେ ବାଥୁଡି ସଂପ୍ରଦାୟର ଭାଷାରେ କଂଚିତ ପରିବର୍ତ୍ତନ ହୋଇଥାଏ । ବାଥୁଡି ସଂପ୍ରଦାୟର ଭାଷାକୁ ଓଡ଼ିଆ ଭାଷାର ଉପ ଭାଷା କୁହାଯାଇ ପାରିବନାହିଁ, ମାତ୍ର ଆଞ୍ଚଳିକ ଭାଷା କୁହାଯାଇପାରେ । ଏ ଜାତି ଅନ୍ୟ ଜାତିର ଭାଷାକୁ ଅନୁକରଣ କରି ଆପଣେଇ ନେଇଥାନ୍ତି, ଯାହାଫଳରେ ଏ ଜାତିର ଭାଷାରେ ବହୁଭାଷାର ମିଶ୍ରଣ ଦେଖାଯାଏ । ଭାତ୍ରୀ, ଦେଶିଆ,ଭୂୟାଁ, ସାଉଁତି ଗଣ୍ଡ ସହ ବାଥୁଡି ସଂପ୍ରଦାୟର ଭାଷାରେ ମଧ୍ୟ କେତେକ ଲକ୍ଷଣଗତ ସାମଞ୍ଜସ୍ୟ ଥିବାର ପରିଲକ୍ଷିତ ହୋଇଥାଏ, ତା'ର କିଞ୍ଚିତ୍ ଉଦାହରଣ ଏଠାରେ ନିଆଯାଇପାରେ । ବାଥୁଡି ସଂପ୍ରଦାୟର ଲୋକମାନେ ଶବ୍ଦର ଆରମ୍ଭରେ 'ଲ' ଥିଲେ, 'ଲ' ପରିବର୍ତ୍ତେ 'ନ' ଉଚ୍ଚାରଣ କରିଥାନ୍ତି ।

| ଓଡିଆ ଶବ୍ଦ | ବାଥୁଡି ଉଚ୍ଚାରଣ |
|---|---|
| ଲେଖିବା | ନେଖିବା |
| ଲୁଗା | ନୁଗା |
| ଲୁଣ | ନୁଣ |
| ଲୋକ | ନୁକ |

ଠିକ୍ ସେହିପରି ଶବ୍ଦର ଆଦ୍ୟରେ 'ଓ' ଥିଲେ 'ଓ' ପରିବର୍ତ୍ତେ 'ଉ' ଉଚ୍ଚାରଣ କରିଥାନ୍ତି ଯଥା –

| ଓଡିଆ ଶବ୍ଦ | ବାଥୁଡିଉଚ୍ଚାରଣ |
|---|---|
| କୋଡି | କୁଡି |
| ଗୋଡ | ଗୁଡ |
| ଚୋର | ଚୁର |

ସେହି ପରି କିଛି ଶବ୍ଦର ଆରମ୍ଭରେ 'ପ' ଥିଲେ 'ପ' ପରିବର୍ତ୍ତେ 'ଫ' ଉଚାରଣ କରିଥାନ୍ତି ଯଥା –

| ଓଡିଆ ଶବ୍ଦ | ବାଥୁଡିଉଚ୍ଚାରଣ |
|---|---|
| ପଣସ | ଫଣସ |
| ପଡିବା | ଫଳିବା |

ବାଥୁଡି ସଂପ୍ରଦାୟର ଲୋକେ କ୍ରିୟାରେ 'ବ' ପରିବର୍ତ୍ତେ 'ତ' ର ବ୍ୟବହାର କରିଥାନ୍ତି, ଯଥା-

| ଓଡିଆ ଶବ୍ଦ | ବାଥୁଡି ଉଚ୍ଚାରଣ |
|---|---|
| କହିବ | କହିତ |

(ବାକ୍ୟ- କଣ କହିବ- କିସ କହିତ)

| | |
|---|---|
| ଦେବ | ଦେତ |

(ବାକ୍ୟ- ଘରକୁ ଗଲେ ଦେବ - ଘରକୁ ଗନେ ଦେତ)

ଠିକ୍ ସେହିପରି 'ନାହିଁ'କୁ 'ନାଇଁ' ରୂପରେ ଉଚ୍ଚାରଣ କରିଥାନ୍ତି, ନାସ୍ତିସୂଚକ ବାକ୍ୟରେ ବାକ୍ୟର ଆରମ୍ଭରେ ନାଇଁ ବ୍ୟବହୃତ କରିଥାନ୍ତି ।

| ଓଡିଆ ଉଚ୍ଚାରଣ | ବାଥୁଡି ଉଚ୍ଚାରଣ |
|---|---|
| ଯିବି ନାହିଁ | ନାଇଁ ଯିବି |
| ଖାଇ ନାହିଁ | ନାଇଁ ଖାଇ |
| ଆଣି ନାହିଁ | ନାଇଁ ଆଣି |
| ଆସି ନାହିଁ | ନାଇଁ ଆସି |

ବାଥୁଡି ସଂପ୍ରଦାୟର ଲୋକମାନେ ମାନ୍ୟାର୍ଥରେ ଭବିଷ୍ୟତ କାଳ କ୍ରିୟାରେ ଥିବା 'ବେ' ସ୍ଥାନରେ 'ମେଇଁ' ବ୍ୟବହାର କରିଥାନ୍ତି।

| ଓଡ଼ିଆ ଶବ୍ଦ | ବାଥୁଡି ଉଚ୍ଚାରଣ |
|---|---|
| ନେବେ | ନେମେଇଁ |
| ମାଗିବେ | ମାଗିମେଇଁ |
| ଖାଇବେ | ଖାଇମେଇଁ |

ସାଧାରଣତଃ ବାଥୁଡି ସଂପ୍ରଦାୟର ଲୋକମାନେ ଆଦେଶ,ଅନୁଜ୍ଞା ଓ ଅନୁରୋଧ ସୂଚକ କ୍ରିୟାରେ 'ରେ' ଯୋଗ କରିଥାନ୍ତି; ଯଥା:

| ଓଡ଼ିଆ ଶବ୍ଦ | ବାଥୁଡି ଉଚ୍ଚାରଣ |
|---|---|
| ନିଅ | ନିଅରେ (ବହିଟା ନିଅରେ) |
| ଦିଅ | ଦିଅରେ |

(ମୋତେ ଖାଇବାକୁ ଦିଅରେ)

| | |
|---|---|
| ବସ | ବସରେ(ପିଣ୍ଡାରେ ବସରେ) |

ଠିକ୍ ସେହିପରି ତେବେ, ତାହେଲେ ଅର୍ଥରେ କ୍ରିୟାରେ ତେନେ ଯୋଗ କରିଥାନ୍ତି, ଯଥା

| ଓଡ଼ିଆ ଶବ୍ଦ | ବାଥୁଡି ଉଚ୍ଚାରଣ |
|---|---|
| ଖାଅ ତେବେ | ଖାଅତେନେ |
| ଗାଅ ତେବେ | ଗାଅତେନେ |
| ଦିଅ ତେବେ | ଦିଅ ତେନେ |

ଓଡ଼ିଆରେ ବ୍ୟବହୃତ କ୍ରିୟା ମଧ୍ୟରେ ଥିବା 'ଉ' ଧ୍ୱନି ସ୍ଥାନରେ 'ଅ' କିମ୍ବା 'ଆ' ଧ୍ୱନି ଉଚ୍ଚାରଣ କରିଥାନ୍ତି । ଉଦାହରଣ ସ୍ୱରୂପ:

| ଓଡ଼ିଆ ଶବ୍ଦ | ବାଥୁଡି ଉଚ୍ଚାରଣ |
|---|---|
| ଆସୁଛି | ଆସଛି |

(କେନ୍ଦୁଝରର ଆନନ୍ଦପୁର ଅଞ୍ଚଳରେ ବ୍ୟବହୃତ)

| | |
|---|---|
| ଖାଉଛି | ଖାଆଛି |

(କେନ୍ଦୁଝରର ଆନନ୍ଦପୁର ଅଞ୍ଚଳରେ ବ୍ୟବହୃତ)

| | |
|---|---|
| ଦେଖାଉଛି | ଦେଖାଛି |

(କେନ୍ଦୁଝରର ଆନନ୍ଦପୁର ଅଞ୍ଚଳରେ ବ୍ୟବହୃତ)

ଆମ ଓଡ଼ିଆରେ ବ୍ୟବହୃତ ଅସମାପିକା କ୍ରିୟା ସହିତ କରି ଯୋଗ କରି କୋଥପ କୋଥନ କରିଥାନ୍ତି ।

| ଓଡ଼ିଆ ଶବ୍ଦ | ବାଥୁଡି ଉଚ୍ଚାରଣ |
|---|---|
| ଆସି | ଆସିକରି |
| ଖାଇ | ଖାଇକରି |
| ନେଇ (ନେଇ ଯାଅ) | ନେଇକରି |

(ନେଇକରି ଯାଅ)

ବାଥୁଡ଼ି ସଂପ୍ରଦାୟରେ ମଧ୍ୟ ବିଭିନ୍ନ ପ୍ରକାର ପ୍ରତ୍ୟୟ ଯୋଗ କରି ଲିଙ୍ଗ ନିର୍ଣ୍ଣୟ କରାଯାଇଥାଏ । ଉଦାହରଣ ସ୍ୱରୂପ -

| ପୁଲିଙ୍ଗ | ସ୍ତ୍ରୀଲିଙ୍ଗ |
|---|---|
| ଡାଙ୍ଗୁଆ | ଡାଙ୍ଗୁଳୀ |
| ଟୋକଳା | ଟୋକଳୀ |
| ଘରଭଙ୍ଗା | ଘରଭାଙ୍ଗୀ |
| ବଗାଳିଆ | ବଗାଳିଆଣୀ |
| ହେଙ୍କାବୁଖା | ହେଙ୍କାବୁଖାଣୀ |
| କଲ୍ହିଆ | କଲ୍ହିଆ ଣୀ |

| | |
|---|---|
| ପାଙ୍ଗଣିଆ | ପାଙ୍ଗଣିଆଣୀ |

ବଚନ ଦୃଷ୍ଟିରୁ ବିଚାରକଲେ ବହୁବଚନରେ 'ଗୁଡିକ' 'ଗୁଡାକ', 'ମାନ' ପରିବର୍ତ୍ତେ 'ଗା' ବ୍ୟବହାର କରିଥାନ୍ତି, ଯଥା:

| ଓଡ଼ିଆ ଶବ୍ଦ | ବାଥୁଡି ଉଚ୍ଚାରଣ |
|---|---|
| ଘରଗୁଡିକ | ଘରଗା |
| ପିଲାମାନେ | ପିଲାଗା |

ପୁରୁଷ ଦୃଷ୍ଟିରୁ ବିଚାରକଲେ ଆମେ ସାଧାରଣତଃ ତିନି ପ୍ରକାର ପୁରୁଷ ବ୍ୟବହାର କରିଥାଉ, ପ୍ରଥମ ପୁରୁଷ,ଦ୍ଵିତୀୟ ପୁରୁଷ, ତୃତୀୟ ପୁରୁଷ ଅନୁସାରେ ବାକ୍ୟ କ୍ରିୟାପଦ କର୍ତ୍ତାର ପୁରୁଷ, ବଚନକୁ ଅନୁସରଣ କରିଥାଏ । ଠିକ୍ ସେହିପରି ବାଥୁଡି ସଂପ୍ରଦାୟର ଲୋକମାନେ ମଧ୍ୟ କଥୋପକୋଥନରେ ପୁରୁଷର ବ୍ୟବହାର ଅନୁସାରେ ବାକ୍ୟ କ୍ରିୟାପଦ, କର୍ତ୍ତାର ପୁରୁଷ ବଚନକୁ ଉଚ୍ଚାରଣ କରିଥାନ୍ତି । ଉଦାହରଣ ସ୍ଵରୂପ:

ଓଡ଼ିଆ ବାଥୁଡି ଉଚ୍ଚାରଣ

ପ୍ରଥମ ପୁରୁଷ, ଏକବଚନ– ମୁଁ // ମୁଇଁ (ମୁଇଁ ପଢୁଛେଇଁ)

ଦ୍ଵତୀୟ ପୁରୁଷ ଏକବଚନ– ତୁମେ // ତୁଇଁ (ତୁଇଁ ପଢୁଛେ)

ତୃତୀୟ ପୁରୁଷ ଏକବଚନ – ସେ// ସିଏ ( ସିଏ ପଢୁଛି)

ପ୍ରବାଦ,ପ୍ରବଚନ ଓ ରୂଢି ଦୃଷ୍ଟିରୁ ବିଚାର କଲେ ବାଥୁଡି ସଂପ୍ରଦାୟର ଲୋକମାନେ ପ୍ରଚଳିତ ପ୍ରବାଦ, ପ୍ରବଚନ ଓ ରୂଢି ଭିତରେ କିଛି ମାତ୍ରାରେ ଭିନ୍ନତା ପରିଲକ୍ଷିତ ହୋଇଥାଏ; ଯଥା–

ଛେଳି ଗୁଡୁରିଆ, ପାଣିକୁ ଦେଖିନେ ହୁଏ ଛାନିଆ– (ଭୟାଳୁ);

ଢେମେଣା ଉଣ୍ଡିଛି– (ଘରେ ଖାଇବାକୁ ନଥାଇ ଉପାସ ରହିବା)

ଘରଅଛି ଦ୍ଵାର ନାହିଁ, ଘରଣୀ ଥିନେ ଚୁଣ୍ଡାଇ ନାହିଁ– (ଟସର)

ଖଣ୍ଡିଏ ଧାନରେ ଉଣେଇଶି ପାଇ ଅଗାଳି – (ଡାହା ମିଛୁଆ)

ରେଞ୍ଜାଳିଆ ଗଙ୍ଗେଇ, ପେଟ ବାଟେ ଛୁଆ ଧରି, ପିଠିବାଟେ ରଙ୍ଗେଇ – (ଡଙ୍ଗା)

ବସିଥାରେ କୁଜି ବୁଢୀ ମୁଇଁ ଯାଉଛି ସରଗେ ଉଡି – (ଝଡିପୋକ)

ଟିପି ନଗା କୁଳି ଆଣିବ ଯବେ ,ଆମର ମନକୁ ମହିବ ତେବେ (କେନ୍ଦୁ)

ପିଡାକୁ ଡଙ୍କଲା ନାଉ,ପୁଅ ଝିଅ କଥା ଯେଣିକି ଯାଉ, ତୁମ୍ଭର ଆମ୍ଭର ହେଉ (ସ୍ୱାର୍ଥପର)

ଦଶ ଗୋଡ, ତିନି ମୁଣ୍ଡ ଏ ଜଣକ କିଏରେ ଭାଇ (ଚାଷୀ ହଳ ଲଙ୍ଗଳ)

ବାଥୁଡି ସଂପ୍ରଦାୟରେ ପ୍ରଚଳିତ କେତକ ଶବ୍ଦାବଳୀ:

| ବାଥୁଡି ଶବ୍ଦ | ଅର୍ଥ |
|---|---|
| ଇଁନ୍ତି | ଏପରି |
| ସେଗୁଳା | ସେଗୁଡାକ |
| କଟେହିଁ | ଟିକେବି |
| ସିଠେ | ସେଠାରେ |
| ଇନାଗେ | ବର୍ତ୍ତମାନ |
| ଭରରାତି | ମଧ୍ୟରାତ୍ରୀ |
| ଯୁଅ | ଯାଅ |
| ମକେ | ମୋତେ |
| ଠାଣୁ | ଠାରୁ |
| ତେଭେଇଁ | ତଥାପି |
| କିସେଇଁ | କଣ ପାଇଁ |
| କଟେ | ଟିକେ |
| ରଣଭଣ | ଅସନା |
| ମରଚ | ଲଙ୍କା |
| ବାଢୁଣୀ | ଝାଡୁ |
| ଅଥାନବାସିଆ | ଯାଯାବର |
| ଘଟୁକୁଛି | ଦୌଡିବା |
| ବାଥୁଡି ଶବ୍ଦ | ଅର୍ଥ |
| ଆରସି | ଆଇନା |
| ଟାଙ୍ଗର | ପଥର |
| ନୁଟା | ଡାଳ |
| ଶିଆଳ | ବିଲୁଆ |
| କେଁଚୁଆ | ଜିଆ |
| କଲେଇ | ଝଡିପୋକ |
| କରୁକୁଟି | କାଇ |
| ତୁଣ | ତରକାରୀ |
| ଟକୋଳା | ଯୁବକ |
| ଟକୋଳୀ | ଯୁବତୀ |
| ଅଜର ନଟି | ଘଞ୍ଚ |
| ଭେସିଙ୍ଗିଆ | ମଜାଳିଆ |
| ହେଙ୍କାବୁଝା | ଅବୁଝା |
| ଛେରଗବର | ଭୟଭୀତ |
| ଠେଟଙ୍ଗ | ମରୁଭୂମି ସଦୃଶ୍ୟ |
| ପକାହୁଣ୍ଡୁଳା | ପଡିଉଠି ଦଉଡି |

ବାଥୁଡି ସଂପ୍ରଦାୟର କଥୋପ କଥୋନ ସମୟରେ ପ୍ରଚଳିତ କେତକ ବାକ୍ୟ :

କେକଲେ ଯାଉଛ – (କୁଆଡେ ଯାଉଛ)

ଇନାନି ତୁଇଁ ଫେରି ଆସିବେ – (ଏବେ ତୁ ଫେରିଆସିବୁ)

ଇଠିକି ଆସ – (ଏଠାକୁ ଆସ)

ଯଦି ଏଭଳି ଭାବରେ ଗବେଷଣା କରାଯାଏ ବାଥୁଡି ସଂପ୍ରଦାୟର ଲୋକମାନଙ୍କ ଉଚ୍ଚାରଣରେ ବହୁଭିନ୍ନତା ପରିଲକ୍ଷିତ ହୋଇଥାଏ, ଏହା ଗବେଷଣା ସାପେକ୍ଷ । ଯୁଗ ବଦଳୁଛି, ଚଳଣି ବଦଳୁଛି, ଶାସନ ବି ବଦଳୁଛି। ବାଥୁଡିସଂପ୍ରଦାୟର ସ୍ଥିତି ନ ବଦଳିବ କାହିଁକି? ଆଶାଦୂରାଶା ଦେଇ ଗତି କରୁଥିବା ବାଥୁଡି ସଂପ୍ରଦାୟ ଏବେ ଜାଗିଉଠିଲେଣି । ବାଥୁଡି ଜାତିର ଲୋକମାନେ ସମୟ ସହ ତାଳ ଦେଇ ଆଗକୁ ବଢିବାକୁ ଲାଗିଲେଣି ତେଣୁ ବର୍ତ୍ତମାନ ଭାଷାର ମଧ୍ୟ ପରିବର୍ତ୍ତନ ଘଟିଲାଣି ।

## ସହାୟକ ଗ୍ରନ୍ଥସୂଚୀ

[1]. ଓଡ଼ିଶା ସାହିତ୍ୟ ଏକାଡେମୀ (ସଂ), ଓଡ଼ିଆ ସାହିତ୍ୟ ଓ ଆଦିବାସୀ ସଂସ୍କୃତି, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ ୨୦୦୪

[2]. ଚିତ୍ରସେନ ପ୍ରସାୟତ (ସଂ), 'ଆଦିବାସୀ ମୌଖିକ ସାହିତ୍ୟ ପରଂପରା, ସାହିତ୍ୟ ଅକାଦେମି,' ଦ୍ୱିତୀୟ ସଂସ୍କରଣ ୨୦୧୬
[3]. ରବିନ୍ଦ୍ର ମୋହନ ସେନାପତି, 'ଓଡ଼ିଶାର ଆଦିବାସୀ', ବିଦ୍ୟାବାରତୀ, କଟକ, ପ୍ରଥମ ସଂସ୍କରଣ, ୨୦୦୬
[4]. ନୃସିଂହପ୍ରସାଦ ମିଶ୍ର,ଶୁକଦେବ ସାହୁ, 'ଆଦିବାସୀ ସମାଜ ଓ ସଂସ୍କୃତି', ମନୋରମା ପବ୍ଲିଶର୍ସ, କଟକ, ଦ୍ୱିତୀୟ ସଂସ୍କରଣ, ୨୦୧୬
[5]. ରାଜକିଶୋର ନାୟକ,ଶରତ ଚନ୍ଦ୍ର ନାଏକ, 'ବାଥୁଡି ଜନଜାତିର ଅଜ୍ଞାତ ଅଧ୍ୟାୟ', ପ୍ରକାଶକ, ବାଥୁଡି ସାଂସ୍କୃତିକ ସମାଜ, କେନ୍ଦୁଝର
[6]. ରବିନ୍ଦ୍ରନାଥ ନାଏକ(ସଂ),'ବାଥୁଡି ଭାଷା ସାହିତ୍ୟ ସଂକଳନ', ପ୍ରକାଶକ ବାଥୁଡି ସାଂସ୍କୃତିକ, ସମାଜ, କଟକ ଶାଖା, ୨୦୧୮
[7]. ରବିନ୍ଦ୍ରନାଥ ନାଏକ, 'ଇୟାଲୁ ସିଆଲୁ ଗଳ୍ପ ସଂକଳନ, ୨୦୦୩